ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1333/23-02-2021**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୨୩ ଫେବୃଆରୀ,୨୦୨୧**

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ପିପିଲି–ଡେଲାଙ୍ଗ ଅଞ୍ଚଳର ଜନସାଧାରଣଙ୍କ ସହ ଆଲୋଚନା କରିବା ସହ ଅଞ୍ଚଳର ବିକାଶ ପାଇଁ ୬୮ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ ରାସ୍ତାଘାଟଠାରୁ ଆରମ୍ଭ କରି ଜଳସେଚନ, ଷ୍ଟାଡିୟମ୍, ସେତୁ, ବସ୍‌ଷ୍ଟାଣ୍ଡ ଆଦି ବିଭିନ୍ନ ବିକାଶ କାର୍ଯ୍ୟ ଏହି ପ୍ରକଳ୍ପର ଅନ୍ତର୍ଭୁକ୍ତ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ୧୯୩୮ ମସିହାରେ ମହାତ୍ମା ଗାନ୍ଧୀଙ୍କ ବେରବୋଇ ପରିଦର୍ଶନ ଏବଂ ଏଠାରେ କୃଷି ଓ ଗ୍ରାମୋଦ୍ୟୋଗର ପ୍ରଦର୍ଶନୀରେ ଭାଗ ନେଇଥିବା ବିଷୟ ବର୍ଣ୍ଣନା କରି କହିଛନ୍ତି ଯେ ଗାନ୍ଧୀଜୀଙ୍କ ଆଦର୍ଶ ସବୁବେଳେ ଆମ ପାଇଁ ଖୁବ୍ ଜରୁରୀ । ସେ ପୁଣି କହିଛନ୍ତି ଯେ ରାଜ୍ୟ ସରକାର ବେରବୋଇରେ ଗାନ୍ଧୀଜୀଙ୍କ ସ୍ମୃତିପୀଠର ବିକାଶ ସହ ଏକ ମଡେଲ୍ ସ୍କୁଲ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ସେ ସବୁବେଳେ ଗାଁର ବିକାଶ, ବିଶେଷ କରି ମହିଳା ଓ ଚାଷୀମାନଙ୍କ କଲ୍ୟାଣ ଉପରେ ପ୍ରାଥମିକତା ଦେଇଛନ୍ତି । ଗରିବ ଲୋକଙ୍କ ମୁହଁରେ ହସ ହିଁ ତାଙ୍କୁ ସବୁଠାରୁ ଅଧିକ ସନ୍ତୋଷ ଦେଇଥାଏ ବୋଲି ସେ କହିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ମଧ ପରଲୋକଗତ ବିଧାୟକ ପ୍ରଦୀପ ମହାରଥୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

- ମାନ୍ୟବର ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଶ୍ରୀ ସଂଜୟ ଦାସବର୍ମା, ମାନ୍ୟବର ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ଶ୍ରୀ ସମୀର ରଞ୍ଜନ ଦାଶ, ମାନ୍ୟବର ମନ୍ତ୍ରୀ, କ୍ରୀଡ଼ା ଓ ଯୁବସେବା ଶ୍ରୀ ତୁଷାରକାନ୍ତି ବେହେରା, ମାନ୍ୟବର ସାଂସଦ, ପୁରୀ ଶ୍ରୀ ପିନାକୀ ମିଶ୍ର, ମାନ୍ୟବର ବିଧାୟକ ଶ୍ରୀ ପ୍ରଣବ ପ୍ରକାଶ ଦାସ, ମାନ୍ୟବର ବିଧାୟକ ଶ୍ରୀ ପ୍ରତାପ କେଶରୀ ଦେବ, ମାନ୍ୟବର ବିଧାୟକ ଶ୍ରୀ ଉମାକାନ୍ତ ସାମନ୍ତରାୟ, ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ବରିଷ୍ଠ ପଦାଧିକାରୀବୃନ୍ଦ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲାବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଚିବ (୫'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶା ଉପକୂଳରୁ ଭାରତୀୟ ନୌସେନା ପାଇଁ ସ୍ୱଦେଶୀ ଭର୍ଟିକାଲ ଲାଉଞ୍ଚ ସର୍ଟ ରେଞ୍ଜ ସର୍ଫେସ୍ ସହ ଏୟାର ମିଜାଇଲ୍‌ର ସଫଳ ପରୀକ୍ଷଣ କରିଥିବାରୁ ଭାରତୀୟ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂସ୍ଥାକୁ ଅଭିନନ୍ଦନ ଜଣାଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଜର୍ମାନୀ ବିପକ୍ଷରେ ହେବାକୁ ଥିବା ୪ ମ୍ୟାଚ୍‌ବିଶିଷ୍ଟ ସିରିଜ୍ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ଓଡ଼ିଶାର ଦୀପ୍ ଗ୍ରେସ୍ ଓ ଲିଲିମା ମିଞ୍ଜଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ପୂର୍ବତନ ବିଧାୟକ ବିମଳଲୋଚନ ଦାସଙ୍କ ବିୟୋଗରେ ଶୋକପ୍ରକାଶ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୮୨,୦୭,୩୦୨ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୬,୭୬୭ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୩୪, ୧୬୬ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୧୪ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୬୩୪ ରହିଛି ।
- ୬୩୪ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**